# ଛତୁ ଚାଷ









କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ଛତୁ ଚାଷ


ସଂପାଦନା

ଡ. ନାରାୟଣ ବାର

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ବିଷୟବସ୍ତୁ

ସୁମିତ୍ରା ହେମ୍ବ୍ରମ

କାର୍ଯ୍ୟକ୍ରମ ସହାୟକ (ଗୃହ ବିଜ୍ଞାନ)



କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର

# ଛତୁ ଚାଷ

**ଉପକ୍ରମ :** ଏକଦା ଛତୁ ବଣରେ ଫୁଟୁଥିଲା ଏବଂ ବଣଜଙ୍ଗଲର ଆଦିବାସୀ ଓ ଗରିବ ଲୋକମାନଙ୍କ ଖାଦ୍ୟ ଥିଲା। କିନ୍ତୁ ସ୍ୱାଦ ଯୋଗୁଁ ଛତୁ ଆଜି ସମସ୍ତଙ୍କର ଆଦରଣୀୟ ହୋଇପାରିଛି। ଛତୁରେ ଯଥେଷ୍ଟ ପୁଷ୍ଟିସାର (ପ୍ରୋଟିନ୍, ଧାତବ ଲବଣ ଓ ଭିଟାମିନ୍ ଥିବାରୁ ଏହା ସମସ୍ତଙ୍କର ପ୍ରିୟ ଖାଦ୍ୟ ହୋଇପାରିଛି।

ଛତୁ ଚାଷ ଦ୍ୱାରା ରୋଜଗାର କରିବା ସହିତ ଦେଶରେ ଦେଖାଯାଉଥିବା ପୁଷ୍ଟିହୀନତା ଦୂର କରିପାରିବା। ଏତଦ୍‌ବ୍ୟତୀତ ଦେଶରେ ମହଜୁଦ୍ ହୋଇ ରହିଥିବା କୃଷିଜାତ ଆବର୍ଜନା (ଧାନ, ଗହମ, ବାଜରା, ଯଅ ଓ ମାଣ୍ଡିଆର ନଡ଼ା) ଇତ୍ୟାଦିକୁ ଛତୁ ଚାଷରେ ଉପଯୋଗ କରାଯାଇପାରିବ। ଫଳରେ ଏକ ସୁସ୍ୱାଦୁକର, ପୁଷ୍ଟିକର ତଥା ଔଷଧଗୁଣ ସଂପନ୍ନ ଖାଦ୍ୟ ପ୍ରସ୍ତୁତ କରାଯିବା ସହିତ ଏହି ଆବର୍ଜନାଗୁଡ଼ିକ ଯୋଗୁଁ ସୃଷ୍ଟି ହେଉଥିବା ପରିବେଶ ପ୍ରଦୂଷଣକୁ ମଧ୍ୟ ରୋକାଯାଇପାରିବ। ଛତୁ ଚାଷ ପରେ ଛତୁ ଫାର୍ମର ମଇଳାକୁ ଉତ୍କୃଷ୍ଟ ଖତ ହିସାବରେ ବ୍ୟବହାର କରାଯାଇପାରିବ। ଏହି ସମସ୍ତ କାରଣରୁ ବେକାର ଯୁବକ-ଯୁବତୀ ତଥା ଭୂମିହୀନ ଲୋକମାନେ ଛତୁ ଚାଷ ପ୍ରତି ଅଧିକ ଆକୃଷ୍ଟ ହେଉଛନ୍ତି।

ଛତୁ ଚାଷର ଅନ୍ୟତମ ସମସ୍ୟା ହେଲା, ଛତୁ ମଞ୍ଜି କେଉଁଠାରୁ ମିଳିବ। ଆମ ରାଜ୍ୟରେ ବର୍ତ୍ତମାନ ସରକାରୀ ଓ ବେସରକାରୀ ସ୍ତରରେ ୧୧୦ଟି ମଞ୍ଜି ଉତ୍ପାଦନ କେନ୍ଦ୍ର ସ୍ଥାପିତ ହୋଇ ଏହି ଅସୁବିଧା କିଛି ପରିମାଣ ସମାଧାନ ହୋଇଛି। କନ୍ଧମାଳ ଜିଲ୍ଲାରେ ସାଧାରଣତଃ ଦୁଇ ପ୍ରକାରର ଛତୁ ଯଥା ପାଳ ଓ ଧିଙ୍ଗିରି ଛତୁ ଚାଷ ବର୍ଷସାରା ଉତ୍ପାଦନ କରାଯାଇଥାଏ।

## ପାଳଛତୁ

ଆମ ରାଜ୍ୟରେ ପାଳଛତୁର ଚାହିଦା ଅଧିକ। ବର୍ଷାଋତୁରେ ନଡ଼ା ବା ପୁଆଳ ଗଦା କିମ୍ବା ଚାଳଘରର ଛତରେ ପାଳଛତୁ ଫୁଟିବାର ଦେଖାଯାଇଥାଏ। ଏହା ଅତି ସୁସ୍ୱାଦୁ ଏବଂ କୋମଳ। ପୃଥିବୀର ଦକ୍ଷିଣ-ପୂର୍ବ ଏସୀୟ ଦେଶମାନଙ୍କରେ ଏହି ଛତୁ ଚାଷ ଅଧିକ କରାଯାଇଥାଏ। ଆମ ଦେଶ ମଧ୍ୟରେ ଆମ ରାଜ୍ୟରେ ସବୁଠାରୁ ଅଧିକ ପ୍ରାୟ ୯୪ ପ୍ରତିଶତ ପାଳଛତୁ ଉତ୍ପାଦନ ହୋଇଥାଏ। ଏହି ଛତୁ ସବୁଠାରୁ ଶୀଘ୍ର

(୧-୧୫ ଦିନ) ଅମଳ ହୋଇଥାଏ। ମାତ୍ର ଏହାର ଅମଳରେ ସ୍ଥିରତା ନଥାଏ।

**ଉତ୍ପାଦନ ସମୟ :**

ଆମ ରାଜ୍ୟରେ ସାଧାରଣତଃ ଏହା ମାର୍ଚ୍ଚ ମାସଠାରୁ ସେପ୍ଟେମ୍ବର ମାସ ଯାଏ ଚାଷ କରାଯାଇଥାଏ।

**ଉତାପ ପରିଚାଳନା :**

ନିର୍ଦ୍ଦିଷ୍ଟ ଉତାପରୁ କମ୍ ବେଶୀ ହେଲେ ପାଳଛତୁରୁ ଅମଳ କମିଯାଇଥାଏ। ସାଧାରଣତଃ ୨୫-୨୮ ଡିଗ୍ରୀ ସେଲସିୟସ୍ ପାଳଛତୁ ପାଇଁ ଉପଯୋଗୀ ମାତ୍ର ୩୦-୩୫ ଡିଗ୍ରୀ ସେଲସିୟସ୍ ଉତାପ ରହିଲେ ଅଧିକ ଅମଳ ମିଳିପାରେ।

**ଆଲୋକ ପରିଚାଳନା :**

ଅନ୍ୟାନ୍ୟ ଚାଷ ଯୋଗ୍ୟ ଛତୁ ଅପେକ୍ଷା ପାଳଛତୁ ଅଧିକ ଆଲୋକ (୧୦୦୦ ଲକ୍ସ) ଆବଶ୍ୟକ କରିଥାଏ। ତେଣୁ କାନ୍ଥ ନଥିବା ଘର କରିବା ଉଚିତ୍। ଗଛତଳ ଛାଇରେ ମଧ୍ୟ ପାଳଛତୁ ଅଧିକ ଅମଳ ହେବାର ନଜିର ରହିଛି। କାନ୍ଥଯୁକ୍ତ ଘର କଲେ ସେଥିରେ ବଡ଼ ବଡ଼ ଝରକା କରିବା ଆବଶ୍ୟକ।

**ଆର୍ଦ୍ରତା ପରିଚାଳନା :**

ପାଳଛତୁ ଚାଷ ପାଇଁ ୮୫-୯୫ ପ୍ରତିଶତ ବାୟୁର ଆର୍ଦ୍ରତା ରହିବା ଆବଶ୍ୟକ।

**ଆବଶ୍ୟକୀୟ ଉପାଦାନ :**

୧) ନଡ଼ା- ଦୋକଟା, ଟାଣ, ଧଳା ମୂଳିଆ ଦେଶୀ ଧାନର ନଡ଼ା ୧୦-୧୪ କି.ଗ୍ରା. (୧୦-୧୨ ବିଡ଼ା)।

୨) ଛତୁ ବିହନ - ତିନି ସପ୍ତାହରୁ ୧ ମାସର ପରିଷ୍କାର, ଧଳା କିମ୍ବା କଳଙ୍କି ରଙ୍ଗର ୩୫୦/୫୦୦ ଗ୍ରାମ୍ ଛତୁ ବିହନ।

୩) ଡାଲିଗୁଣ୍ଡ- ଡାଲିଗୁଣ୍ଡ ଯଥା- ମୁଗ, ବିରି, ମଟର, କୋଳଥ ଇତ୍ୟାଦି। ଗୋଟିଏ ବେଡ୍ ପାଇଁ ୨୦୦-୨୫୦ ଗ୍ରାମ୍ ଡାଲି ଗୁଣ୍ଡ ଦରକାର।

୪) ପଲିଥିନ- ୨ ଫୁଟ୍ ଲମ୍ବ, ପ୍ରସ୍ଥ ଓ ଉଚ୍ଚତାର ବେଡ୍‌କୁ ଘୋଡ଼ାଇବା ପାଇଁ ୨ ଫୁଟ୍ ଲମ୍ବ ଓ ପ୍ରସ୍ଥ ଥିବା ପଲିଥିନ୍ ଆବଶ୍ୟକ।

**ଚାଷ ପ୍ରଣାଳୀ :**

**ନଡ଼ା ବିଶୋଧନ -**

ନଡ଼ାର ୨ ପଟକୁ କାଟି ୨ ଫୁଟ୍ ଲମ୍ବର ନଡ଼ା ରଖନ୍ତୁ। ନଡ଼ା ବିଡ଼ାର ଅଗକୁ ରି ଧାନ ପତ୍ରକୁ ବାହାର କରି ୧୨-୧୪ ଘଣ୍ଟା ପରିଷ୍କାର ପାଣିଥିବା କୁଣ୍ଡରେ

ବତୁରାଯାଏ। ବତୁରାଇବା ପୂର୍ବରୁ କୁଣ୍ଡ ପାଣିରେ ଚୂନ ( ୨୦ ଗ୍ରାମ୍/ଲିଟର) ମିଶାଇବା ଉଚିତ୍। ପରେ ନଡ଼ାର ମୋଟା ଅଂଶକୁ ଗରମ ପାଣିରେ ୧୫-୨୦ ମିନିଟ୍ ବୁଡ଼ାଇ ଅଗ୍ରଭାଗକୁ ତଳକୁ କରି କୌଣସି ଉଚ୍ଚ ଜାଗାରେ ଡେରି ଦିଆଯାଏ। ୩-୫ ଘଣ୍ଟା ପରେ ନଡ଼ାରୁ ପାଣି ଛାଡ଼ିଗଲେ ନଡ଼ାକୁ ୪ ଭାଗ କରାଯାଏ।

**ଭାଡ଼ି ପ୍ରସ୍ତୁତି -**

ଭାଡ଼ିର ଚାରି କଣରେ ୪ଟି ଇଟା ବା କିଲା ମାରି ୨ ଫୁଟ୍ ଲମ୍ବ, ୨ ଫୁଟ୍ ଓସାର ବାଉଁ ବା କାଠର ଭାଡ଼ି କରାଯାଏ। ଭାଡ଼ିଟି ମାଟିରୁ ୬-୧୨ ଇଞ୍ଚ ଉଚ୍ଚରେ ରହିବା ଆବଶ୍ୟକ।

**ମଞ୍ଜି ସଂଗ୍ରହ :**

ବୋତଲରେ ଥିବା ଛତୁ ବିହନଗୁଡ଼ିକୁ ବୋତଲ ଭାଙ୍ଗି ବାହାର କରାଯାଏ। ମଞ୍ଜିଗୁଡ଼ିକୁ ଛୋଟ ଛୋଟ ଖଣ୍ଡରେ ପରିଣତ କରି ସମସ୍ତ ମଞ୍ଜିକୁ ୪ ସମାନ ଭାଗରେ ବିଭକ୍ତ କରାଯାଇଥାଏ।

- ଡାଲିଗୁଣ୍ଡକୁ ସମାନ ୪ ଭାଗ କରି ରଖନ୍ତୁ।
- ପୂର୍ବରୁ ପ୍ରସ୍ତୁତ ଭାଡ଼ି ଉପରେ ପୂର୍ବ-ପଶ୍ଚିମ କରି ଏକ ଭାଗ ନଡ଼ା ବିଛାଇ ଦିଆଯାଏ। ନଡ଼ା ସ୍ତରର ଉଚ୍ଚତା ୧୫-୨୦ ସେ.ମି. ହେବା ଦରକାର।

  ନଡ଼ା ଉପରେ ବଡ଼ରୁ ୫-୭ ସେ.ମି. ଛାଡ଼ି ୫-୭ ସେ.ମି ବ୍ୟବଧାନରେ ୧ ଭାଗ ଛତୁ ବିହନକୁ ଗୋଟି ଗୋଟି କରି ରଖାଯାଏ। ଏହା ଛତୁ ଭାଡ଼ିର ପ୍ରଥମ ସ୍ତର।
- ପ୍ରଥମ ସ୍ତର ଉପରେ ଉତ୍ତର-ଦକ୍ଷିଣ କରି ଆଉ ଏକ ଭାଗ ନଡ଼ା ବିଛାଇ ଦିଆଯାଏ।
- ଜାଗାଭାବ ଥିଲେ କାଠ ବା ବାଉଁଶରେ ର୍‍ୟାକ୍ ବା ଭାଡ଼ି କରି ଉପରକୁ ଉପର ୨-୩ଟି ଛତୁ ଭାଡ଼ି କରାଯାଇପାରେ।

**ପରବର୍ତ୍ତୀ ଯତ୍ନ :**

ଚତୁର୍ଥ ସ୍ତର ପର୍ଯ୍ୟନ୍ତ ନଡ଼ା ଦେବା ପରେ ଭାଡ଼ିକୁ ହାଲୁକା ଭାବରେ ଚାପ ଦିଆଯାଏ। ଭାଡ଼ିର ଚାରିପାଖରେ ନଡ଼ା ଓହଳି ଥଲେ ତାକୁ ସାଇଜ୍ କରି କତୁରୀ ସାହାଯ୍ୟରେ କାଟି ପଲିଥିନ୍ ଚାଦରରେ ଘୋଡ଼ାଇ ଦିଆଯାଏ। ୭-୧୦ ଦିନ ବେଳକୁ ଛତୁ ଫିମ୍ପି ଭାଡ଼ିର ନଡ଼ା ଉପରେ ସଂପୂର୍ଣ୍ଣ ମାଡ଼ିଗଲେ ପଲିଥିନ୍ ଚାଦରକୁ ବାହାର

କରାଯାଏ । ନଡ଼ା ଶୁଖି ଆସିଲେ ଋତୁ ଓ ପାଗ ଦେଖି ଦିନକୁ ୧-୩ ଥର ପାଣି ସିଞ୍ଚନ କରାଯାଏ ।

**ଛତୁ ଅମଳ :**

ବେଡ୍ ପକାଇବାର ୯-୧୦ ଦିନରେ ପ୍ରଥମ କଢ଼ ଦେଖାଯାଏ ଏବଂ ଏହାର ୩-୪ ଦିନ ପରେ କଢ଼ ତୋଳାଯାଏ । ଗୋଟିଏ ଭାଡ଼ିରୁ ୨-୩ ଦିନ ଯାଏ ଅମଳ ମିଳିଥାଏ । ପାଳଛତୁ ୨-୩ ଗୋଟି ପର୍ଯ୍ୟାୟରେ ଫୁଟିଥାଏ । ପ୍ରଥମ ପର୍ଯ୍ୟାୟରେ ୭-୮ ଦିନ ପରେ ପୁନଶ୍ଚ ଫୁଟିଥାଏ । ତେଣୁ ପ୍ରଥମ ପର୍ଯ୍ୟାୟରେ ଅମଳ ପରେ ଗୋଟିଏ ଦିନ ଜଳସେଚନ ସ୍ଥଗିତ ରଖି ପୁନଶ୍ଚ ଜଳସେଚନ କରାଯାଏ ।

**ପାଳ ଛତୁ ଚାଷର ଆୟ ଓ ବ୍ୟୟ ସାରଣୀ**

**ବେଡ଼ ପ୍ରତି ବ୍ୟୟ**

| କ୍ର.ନଂ. | ଉପାଦନ | ପରିମାଣ | ଖର୍ଚ୍ଚ ହାର (ଟଙ୍କାରେ) | ସମୁଦାୟ ମୂଲ୍ୟ (ଟଙ୍କାରେ) |
|---|---|---|---|---|
| ୧ | ନଡ଼ା (ନିଜ ଖର୍ଚ୍ଚ) | ୧୦ ବିଡ଼ା | – | – |
| ୨ | ଛତୁ ମଞ୍ଜି | ୧ ବୋତଲ ୨୦୦ ଗ୍ରାମ୍ | ୧୮ | ୧୮ |
| ୩ | ବେସନ ବା ଡାଲିଗୁଣ୍ଡ | ୨୫୦ ଗ୍ରାମ୍ | ୨୦ | ୨୦ |
| ୪ | ପଲିଥିନ୍(୨x୨ଫୁଟ୍) | ୧ଟି | ୧୦ | ୧୦ |
| ୫. | ଅନ୍ୟାନ୍ୟ ଖର୍ଚ୍ଚ | – | ୧୨ | ୧୨ |
| | | ସମୁଦାୟ | | ୬୦ |

ବେଡ୍ ପ୍ରତି ଆଦାୟ ୧ କି.ଗ୍ରା. ୨୫୦ ଟଙ୍କା

# ଧିଙ୍ଗିରି ଛତୁ ଚାଷ

ଆମ ରାଜ୍ୟରେ ସାଧାରଣତଃ ବର୍ଷା ଋତୁରେ ଅଧିକ ଛତୁ ଫୁଟିଥାଏ । ମାତ୍ର ଶୀତ ଋତୁରେ ଛତୁର ସ୍ୱାଦ ପାଇଁ ଧିଙ୍ଗିରି ଛତୁ ଚାଷ କରାଯାଇପାରେ । କନ୍ଧମାଳ ଜିଲ୍ଲାର ଶୀତଳ ଜଳବାୟୁ ଧିଙ୍ଗିରି ଛତୁ ଚାଷ ପାଇଁ ଉପଯୋଗୀ ହୋଇଥାଏ । ୧ କି.ଗ୍ରା. ନଡ଼ାରୁ ୧୦୦-୧୮୦ ଗ୍ରାମ୍ ପାଳଛତୁ ମିଳୁଥିବା ବେଳେ ସେହି ୧ କି.ଗ୍ରା. ନଡ଼ାରୁ ୧.୫-୨ କି.ଗ୍ରା. ଧିଙ୍ଗିରି ଛତୁ ମିଳିଥାଏ ।

ଉତ୍ପାଦନ ସମୟ - ଆମ ରାଜ୍ୟରେ ସାଧାରଣତଃ ସେପ୍ଟେମ୍ବରରୁ ଫେବୃୟାରୀ ମାସ ଯାଏ ଧିଙ୍ଗିରି ଛତୁ ଚାଷ କରାଯାଏ।

ଉତ୍ତାପ- ଶୀତଋତୁରେ ୨୦-୩୦ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ ଧିଙ୍ଗିରି ଛତୁ ଚାଷ କରାଯାଏ।

ଆଲୋକ - ଧିଙ୍ଗିରି ଛତୁ ଚାଷ ପାଇଁ ୨୦୦ ଲକ୍ସ ଆଲୋକ ଆବଶ୍ୟକ ହୋଇଥାଏ।

ଆର୍ଦ୍ରତା : ଧିଙ୍ଗିରି ଛତୁ ଚାଷ ପାଇଁ ବାୟୁର ଆର୍ଦ୍ରତା ୮୦-୮୫ ପ୍ରତିଶତ ଏ ବ ନଡ଼ାର ଆର୍ଦ୍ରତା ୬୫ ପ୍ରତିଶତ ରହିବା ଉଚିତ୍।

**ଆବଶ୍ୟକ ଉପାଦାନ :**

୧. ନଡ଼ା- ଦୋକଟା, ଟାଣ, ଧଳା ମୂଳିଆ ଦେଶୀ ଧାନର ନଡ଼ା ୧.୫-୨ କି.ଗ୍ରା. (୩-୪) ବିଡ଼ା।
୨. ଛତୁ ବିହନ- ତିନି ସପ୍ତାହରୁ ୧ମାସର ସଂପୂର୍ଣ୍ଣ ଧଳା ରଙ୍ଗର ୨୦୦ଗ୍ରାମର ଏକ ଏକ ବୋତଲ ଛତୁ।
୩. ଗହମ- ଗୋଟା ଗହମ ୧୫୦-୨୦୦ଗ୍ରମ୍।
୪. ପଲିଥିନ୍ ନଳୀ - ୮୦ସେ.ମି ଲମ୍ବ ଓ ୪୦ସେ.ମି.ଓସାର ପଲିଥିନ୍ ମୁଣି ଗୋଟିଏ। ଏହି ମୁଣିର ଦୁଇପଟେ ଖୋଲାଥାଏ।

**ଚାଷ ପ୍ରଣାଳୀ :**

**ନଡା ବିଶୋଧନ -**

ନଡ଼ାର ପତ୍ର ଅଂଶ ଏବଂ ଅନ୍ୟାନ୍ୟ ଅଦରକାରୀ ପଦାର୍ଥ ବାହାର କରି ଦାଆ ବା ନଡ଼ାକଟାଯନ୍ତ୍ର ସାହାଯ୍ୟରେ ୫-୭ ସେ.ମି. ଆକାରରେ କଟାଯାଏ। ନଡାକୁ ୧୦-୧୨ଘଣ୍ଟା ପରିଷ୍କାର ପାଣିରେ ବତୁରାଯାଏ। ପାଣିରୁ ଛାଣି ନଡ଼ାକୁ ୧ଘଣ୍ଟା ସିଝାଇ କିମ୍ବା ବାଷ୍ପୀକରଣ କରି ବିଶୋଧନ କରାଯାଏ। ପରେ ନଡ଼ାଗୁଡ଼ିକୁ ଆଣି ପାଣିରୁ ଛାଣି ଛାଇରେ ପାଣି ନିଗିଡ଼ି ଯିବା ପାଇଁ ପରିଷ୍କାର ଯାଗାରେ ସୁଖାଯାଏ। ୨-୩ ଘଣ୍ଟା ମଧ୍ୟରେ ପାଣି ଛାଡ଼ିଗଲେ ନଡାକୁ ୪ଭାଗରେ ବିଭକ୍ତ କରାଯାଏ।

**ମଞ୍ଜି ସଂଗ୍ରହ :**

ବିହନ ବୋତଲକୁ ଭାଙ୍ଗି ମଞ୍ଜିକୁ ଛୋଟ ଛୋଟ ଖଣ୍ଡରେ ପରିଣତ କରି ସମସ୍ତ ମଞ୍ଜିକୁ ୪ସମାନ ଭାଗରେ ବିଭକ୍ତ କରାଯାଏ।

**ଗହମ ପ୍ରସ୍ତୁତି :**

ଗହମକୁ ପରିଷ୍କାର ପାଣିରେ ଧୋଇ ଅଳ୍ପ ସିଝାଯାଏ । ଯେପରିକି ଏହା ଅଧିକ ସିଝିବ ନାହିଁ ।

**ପ୍ରଣାଳୀ :**

ପ୍ରଥମ ପ୍ରଣାଳୀରେ ପଲିଥିନ୍ ନଳୀରେ ଗୋଟିଏ ମୁଣ୍ଡକୁ ରବର ବା ସୂତାରେ ବାନ୍ଧି ଗୋଟିଏ ଭାଗ ନଡ଼ାକୁ ପୂରାଇ ହାତରେ ଦାବି ଦିଆଯାଏ । ଗୋଟିଏ ଭାଗ ମଞ୍ଜିକୁ ନଡ଼ା ଉପରେ ପଲିଥିନ୍ ଠାରୁ ୧-୨ସେ.ମି ଛାଡ଼ି ଦିଆଯାଏ । ଏହି ମଞ୍ଜି ଉପରେ ଗୋଟିଏ ଭାଗ ଗହମକୁ ଘୋଡ଼ାଇ ଦିଆଯାଏ । ପୁନଶ୍ଚ ଗୋଟିଏ ଭାଗ ନଡ଼ା ଭରି ପୂର୍ବପରି ମଞ୍ଜି ଓ ଗହମ ଗୋଟିଏ ଲେଖାଏ ଭାଗ ଦିଆଯାଏ ।

ଦ୍ୱିତୀୟ ପ୍ରଣାଳୀରେ ପଲିଥିନ୍ ଗୋଟିଏ ମୁହଁ ବାନ୍ଧି ସମସ୍ତ ନଡ଼ା, ମଞ୍ଜି ଓ ଗହମ ଭଲଭାବରେ  ଦିଆଯାଇ ପଲିଥିନ୍‌ରେ ପୁରାଇ ବାନ୍ଧି ଦେଇ ପଲିଥିନ୍‌ର ଦ୍ୱିତୀୟ ମୁହଁ ବାନ୍ଧିଦିଆଯାଏ ।

ପଲିଥିନ୍ ମୁଣା ଉପରେ ୧୦-୧୫ ଗୋଟିଏ କଣା ବିଭିନ୍ନ ସ୍ଥାନରେ କରି ଥଣ୍ଡା ଅନ୍ଧାରଘରେ ଭାଡ଼ିରେ ରଖାଯାଏ କିମ୍ବା ସୁତୁଲି ବାନ୍ଧି ଓହଳାଯାଏ ।

**ପରବର୍ତ୍ତୀ ଯତ୍ନ :**

ପଲିଥିନ୍‌ରେ ଭରିବାର ୧୩-୧୫ ଦିନ ମଧ୍ୟରେ ଛତୁର ମାଇ ସେଲିୟସ୍ ମାଡ଼ି ପିଣ୍ଡୁଳାଟି ଧଳାରଙ୍ଗର ଏବଂ ଟାଣ ହୋଇଯାଏ । ଝୁଲାଇବା ଦିନ ଜଳସେଚନ ଆବଶ୍ୟକତା ନଥାଏ । ପରବର୍ତ୍ତୀ ଦିନଗୁଡ଼ିକର ଉତ୍ତାପ ଓ ଆଦ୍ରତା ଯେଉଁଦିନକୁ୨-୩ଥର ପାଣି ଛିଞ୍ଚାଯାଏ ।

**ଅମଳ :**

ଉପଯୁକ୍ତ ପରିବେଶରେ ଝୁଲାଇବାର ୭-୮ ଦିନରେ ପିନ୍ ମୁଣ୍ଡ ପରି କଢ଼ ଦେଖାଯାଏ । ୩-୪ଦିନ ପରେ ଛତୁ ଅମଳ କରାଯାଏ । ପ୍ରଥମ ଅମଳର ୭-୮ ଦିନ ପରେ ଦ୍ୱିତୀୟ ଅମଳମିଳିଥାଏ । ପ୍ରତି ୭-୮  ଦିନ ବ୍ୟବଧାନରେ ୬୦ଦିନ ପର୍ଯ୍ୟନ୍ତ ୩-୪ ଥରରେ ଛତୁ ଅମଳ କରାଯାଏ । ଗୋଟିଏ ବେଡ୍‌ରୁ ବ୍ୟବହୃତ ନଡା ଅନୁସାରେ ୧.୫-୨କି.ଗ୍ରା.ଛତୁ ଉତ୍ପାଦିତ ହୋଇଥାଏ ।

## ଧିଙ୍ଗିରୀ ଛତୁ ଚାଷର ଆୟ ଓ ବ୍ୟୟ ସାରଣୀ

**ବେଡ୍ ପ୍ରତି ବ୍ୟୟ :**

| କ୍ରନଂ | ଉପାଦାନ | ପରିମାଣ | ଖର୍ଚ୍ଚ ହାର (ଟଙ୍କା) | ସମୁଦାୟ ମୂଲ୍ୟ (ଟଙ୍କା) |
|---|---|---|---|---|
| ୧ | ନଡ଼ା (ନିଜ ଖର୍ଚ୍ଚ) | ୪ବିଡ଼ା | - | - |
| ୨ | ଛତୁ ମଞ୍ଜି | ୧ବୋତଲ(୨୦୦ଗ୍ରାମ୍) | ୧୮ | ୧୮ |
| ୩ | ଗହମ | ୨୫୦ଗ୍ରାମ୍ | ୫ | ୫ |
| ୪ | ପଲିଥିନ୍ | ୧ଟି | ୫ | ୫ |
| ୫ | ଅନ୍ୟାନ୍ୟ ଖର୍ଚ୍ଚ | - | ୨୨ | ୨୨ |
| | ସର୍ବମୋଟ | | | ୫୦ |

**ବେଡ୍ ପ୍ରତି ଆଦାୟ:**

୨ କି.ଗ୍ରା.= ୩୦୦ଟଙ୍କା (୧କି.ଗ୍ରା. ଛତୁକୁ ୧୫୦ଟଙ୍କା ହିସାବରେ)

ବି.ଦ୍ର: ଅଧିକ ଜାଣିବା ପାଇଁ କାର୍ଯ୍ୟକ୍ରମ ସଂଯୋଜକ, କୃଷିବିଜ୍ଞାନ କେନ୍ଦ୍ର, କନ୍ଧମାଳ, ଘୁ.ଉଦୟଗିରିଙ୍କ ସହିତ ଯୋଗାଯୋଗ କରନ୍ତୁ ।

ଦୂରଭାଷ - ୦୬୮୪୭-୨୬୦୭୦୭

